ଅଣସର କାଳରେ ଶ୍ରୀଅଲାରନାଥ ଦର୍ଶନ

ପଙ୍କଜ ସାହୁ

ସୃଷ୍ଟିର କେଉଁ ପବିତ୍ର ମୁହୂର୍ତ୍ତରେ ନୀଳାଚଳର ନୀଳକନ୍ଦରରେ ଶବରରାଜ ବିଶ୍ୱାବସୁ : ଶଙ୍ଖ-ଚକ୍ର-ଗଦା-ପଦ୍ମ ପରିଶୋଭିତ ନୀଳକାନ୍ତ ମଣିବିଗ୍ରହ ନୀଳମାଧବଙ୍କୁ ନିଭୃତରେ ପୂଜାର୍ଚ୍ଚନା କରୁଥିଲେ । ମାଳବରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଆଦିଷ୍ଟ ବିଦ୍ୟାପତି ସେଠାରେ ପହଞ୍ଚି ବିଶ୍ୱାବସୁଙ୍କ ସହାୟତାରେ ନୀଳମାଧବଙ୍କୁ ଠାବ କରିବା ପରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଏହି ସୁସମ୍ବାଦ ପ୍ରଦାନ ଅଭିପ୍ରାୟରେ ମାଳବ/ଉଜ୍ଜୟିନୀ ପ୍ରତ୍ୟାବର୍ତ୍ତନ କଲେ । ପରମ ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ସର୍ବଦେବ ପୂଜ୍ୟ ଶ୍ରୀପୁରୁଷୋତ୍ତମଙ୍କୁ ଦର୍ଶନ ପାଇଁ ଆସି ନୀଳାଦ୍ରିରେ ପହଞ୍ଚିବା ପୂର୍ବରୁ ମହାପ୍ରଭୁ ନୀଳକନ୍ଦରରୁ ଅନ୍ତର୍ହିତ ହୋଇ ସେଠାରୁ ଚାରିକୋଶ ଦୂର ପଶ୍ଚିମରେ (୧) ବାସ କରୁଥିବା ଅଲାଲ୍ୟ ନାମଧେୟ ଜନୈକ ବିଷ୍ଣୁଭକ୍ତଙ୍କ ଗୃହରେ ଗୁପ୍ତରେ ଆବିର୍ଭୂତ ହେଲେ । ମହାପ୍ରଭୁ ଅଲାଲ୍ୟ ବ୍ରାହ୍ମଣଙ୍କ ସାରଲ୍ୟ ଭକ୍ତିରେ ଏପରି ପ୍ରୀତ ହୋଇଗଲେ ଯେ ସ୍ୱୟଂ ପୁରୁଷୋତ୍ତମ ଭଗବାନ ମାଧବ ରୂପରେ (୨) ପାୟସ ନୈବେଦ୍ୟ ପ୍ରତ୍ୟକ୍ଷ ଭାବେ ସେବନ କଲେ । ମାତ୍ର ଏ ଘଟଣା ବହୁଦିନ ପର୍ଯ୍ୟନ୍ତ ଗୋପନ ରହି ନପାରି ପ୍ରଚାରିତ ହୋଇଯିବାରୁ ଅଲାଲ୍ୟ ପୂଜିତ ଠାକୁର କ୍ରମଶଃ 'ପାୟସପ୍ରିୟ ଅଲାଲ୍ୟନାଥ' ନାମରେ ଲୋକ ପ୍ରସିଦ୍ଧି ଲାଭ କଲେ । ତତ୍ପରେ ମହାପ୍ରଭୁ ଅଲାଲ୍ୟଙ୍କୁ ସାୟୁଜ୍ୟମୁକ୍ତି ପ୍ରଦାନ ପୂର୍ବକ 'ହେ ଦ୍ୱିଜଶ୍ରେଷ୍ଠ ! ଲୋକ ପ୍ରଘଟ ହେବାରୁ ନୀଳଶୈଳ ତ୍ୟାଗକରି ଆସି ତୋ ଗୃହରେ ଗୁପ୍ତରେ ଅବସ୍ଥାନ କରିଥିଲି । ମାତ୍ର ଏଠାରେ ମୋର ଅବସ୍ଥିତି ଗୋପନୀୟତା ହରାଇବାରୁ ମୁଁ ମଧ୍ୟ ଏ ସ୍ଥାନ ପରିତ୍ୟାଗ କରୁଛି' କହି ପୁନଶ୍ଚ ଅନ୍ତର୍ହିତ ହୋଇଗଲେ ।

ନୀଳାଚଳଠାରୁ ପଶ୍ଚିମକୁ ପ୍ରାୟ ଷଡ଼କ୍ରୋଶ ଦୂରବର୍ତ୍ତୀ ଗିରିବନ ଶୋଭିତ ଏକ ମନୋରମ ପ୍ରାକୃତିକ ପରିବେଶରେ, ସତ୍ୟଯୁଗରେ ବେଦପତି ବ୍ରହ୍ମା ସ୍ୱୟଂ ଅବତରଣ ପୂର୍ବକ ତପସ୍ୟା ଦ୍ୱାରା ସିଦ୍ଧିଲାଭ କରିଥିଲେ । ପବିତ୍ର, ନିର୍ଜନ ତଥା ଶାନ୍ତ ବାତାବରଣ ବିଶିଷ୍ଟ ପ୍ରୋକ୍ତ ସିଦ୍ଧିକ୍ଷେତ୍ରରେ ବ୍ରହ୍ମାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ସ୍ୱୟଂ ବ୍ରହ୍ମନାରାୟଣ ଶିଳାବ୍ରହ୍ମ ରୂପେ ପ୍ରକଟ ଲାଭ କରିବାରୁ ଏହି ଦିବ୍ୟସ୍ଥାନ 'ବ୍ରହ୍ମଗିରି' ନାମରେ ସୁପ୍ରସିଦ୍ଧ ହେଲା । ସୃଷ୍ଟିକର୍ତ୍ତା ବ୍ରହ୍ମା ଉକ୍ତ ବ୍ରହ୍ମଗିରିରେ ସର୍ବ ଶୁଭଲକ୍ଷଣଯୁକ୍ତ ଏହି ବିଷ୍ଣୁବିଗ୍ରହଙ୍କୁ ପରମ ଗୋପନୀୟ ମନ୍ତ୍ର ଦ୍ୱାରା ସ୍ୱୟଂ ପ୍ରତିଷ୍ଠା କଲେ । ପରବର୍ତ୍ତୀ କାଳରେ ହିନ୍ଦୁଧର୍ମର ପ୍ରଚାରକ ରୂପେ ଶ୍ରୀ ସମ୍ପ୍ରଦାୟର ଦ୍ୱାଦଶ ପୂର୍ବସୂରୀ ପରମ ବିଷ୍ଣୁଭକ୍ତ ପାର୍ଷଦଗଣ (୩) ଏହି ଅନିନ୍ଦ୍ୟ ପୀଠରେ ଅବସ୍ଥାନ ପୂର୍ବକ ବ୍ରହ୍ମାକର୍ତ୍ତୃକ ପ୍ରତିଷ୍ଠିତ ଚତୁର୍ଭୁଜ ଜନାର୍ଦ୍ଦନ ବିଷ୍ଣୁଙ୍କୁ (୪) ପଞ୍ଚରାତ୍ର ବିଧିରେ ପୂଜାର୍ଚ୍ଚନା କରୁଥିଲେ । ତତ୍କାଳରେ ସେମାନଙ୍କୁ ଆଲୋୟାର ବା ଆଳବାର ସମ୍ପ୍ରଦାୟ କୁହାଯାଉଥିଲା । ଉକ୍ତ ଆଲବାରମାନଙ୍କର ପ୍ରଭୁ/ଇଷ୍ଟ/ନାଥ ଶ୍ରୀମନ୍ନାରାୟଣ କ୍ରମଶଃ ଆଳବାର ନାଥ- ଆଲାରନାଥ- ଅଲାରନାଥ ନାମରେ ବହୁ ପ୍ରସିଦ୍ଧି ଲାଭ କଲେ । ଅଲାରନାଥଙ୍କ ଆବିର୍ଭାବ ସମ୍ବନ୍ଧରେ କୌଣସି ସତ୍ୟତା ଏଯାବତ୍ ଉଦ୍‌ଘାଟିତ ହୋଇ ନଥିଲେ ହେଁ ଅନୁରୂପ କତିପୟ ପୌରାଣିକ କିମ୍ବଦନ୍ତୀକୁ ଆଧାର କରି ଅଲାରନାଥ ମହିମାଦୀପ୍ତ ହୋଇଛନ୍ତି ।

ଇତ୍ୟବସରରେ ଇନ୍ଦ୍ରଦ୍ୟୁମ୍ନ ମାଳବରୁ ଆସି ନୀଳଗିରିରେ ନୀଳମାଧବଙ୍କୁ ଦର୍ଶନ ନପାଇ ଆତ୍ମ-ଧିକ୍କାର କରିବାକୁ ଲାଗିଲେ । ମାତ୍ର ନାରଦଙ୍କ ପରାମର୍ଶକ୍ରମେ ସାହସ୍ରିକ ଅଶ୍ୱମେଧ ଯଜ୍ଞାନୁଷ୍ଠାନ ପରିସମାପ୍ତିରେ ମହୋଦଧିରୁ ଉତ୍ତୋଳିତ ବ୍ରହ୍ମଦାରୁରୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ଦାରୁବ୍ରହ୍ମ ମୂର୍ତ୍ତି ପ୍ରତିଷ୍ଠାପୂର୍ବକ ଠାକୁରଙ୍କ ପୂଜାର୍ଚ୍ଚନା ନିମିତ୍ତ ଯଥୋଚିତ ବ୍ୟବସ୍ଥା କଲେ । ପରବର୍ତ୍ତୀ କାଳରେ ବିଭିନ୍ନ ଠାକୁରରାଜା : ଲୀଳାମୟ ମହାପ୍ରଭୁଙ୍କ ପ୍ରୀତ୍ୟର୍ଥେ ଅନେକ ପର୍ବପର୍ବାଣି-ଯାନିଯାତ୍ରା ଖଞ୍ଜିଦେଲେ ଯାହାକି ଅଦ୍ୟାବଧି ଅନୁଷ୍ଠିତ ହୋଇଆସୁଛି । ଆଲୋଚ୍ୟ ବ୍ରହ୍ମଗିରି ଓ ନୀଳଗିରି ମଧ୍ୟରେ ନାଭିସୂତ୍ରର ସମ୍ପର୍କ ବିଦ୍ୟମାନ । ଆଉ

ସେ ସମ୍ପର୍କସୂତ୍ର, ଓଡ଼ିଆର ଇଷ୍ଟ ଦେବ ଶ୍ରୀଜଗନ୍ନାଥଙ୍କ ଲୀଳାବୈଭବ ଯୋଗୁ ହିଁ ସମ୍ବନ୍ଧାନ୍ୱିତ ହୋଇଅଛି ।

ଦେବସ୍ନାନ ପୂର୍ଣ୍ଣମୀରେ ଶ୍ରୀଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତି ସ୍ନାନବେଦୀ ଉପରେ ସର୍ବତୀର୍ଥମୟ ସ୍ୱର୍ଣ୍ଣକୂପରୁ ଉତ୍ତୋଳିତ ୧୦୮ କୁମ୍ଭ ସୁବାସିତ ଜଳରେ ସମ୍ପୂର୍ଣ୍ଣ ସ୍ନାନ ଫଳରେ ମହାପ୍ରଭୁ ଭୀଷଣ ଜ୍ୱରାକ୍ରାନ୍ତ ହୋଇ ପଡ଼ନ୍ତି ବୋଲି ଭକ୍ତିପ୍ରାଣ ଜନତା ବିଶ୍ୱାସ କରେ । ଅସୁସ୍ଥତା ବଶତଃ ଶ୍ରୀଜୀଉ ଉକ୍ତ ଦର୍ଶନାର୍ଥୀମାନଙ୍କୁ ଦର୍ଶନ ପ୍ରଦାନ ନିମିତ୍ତ ଅବସର ପାଉନଥିବାରୁ ମଞ୍ଜାସ୍ନାନ ପରବର୍ତ୍ତୀ ପଞ୍ଚଦଶ ଦିବସକୁ ଅନବସର ବା ଅଣସର ନାମରେ ଅଭିହିତ କରାଯାଇଥାଏ । ଉକ୍ତ ଅନବସର ଅବସ୍ଥାନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନ୍ୟତମ ଗୁପ୍ତ ଲୀଳା ଅଟେ । ଇତ୍ୟବସରରେ ମହାପ୍ରଭୁଙ୍କ ଅଙ୍ଗଲାଗି ସେବକ ଦଇତାପତି ସେବାୟତଗଣ ଶ୍ରୀଜୀଉଙ୍କୁ ଅଣସର ପିଣ୍ଡିରେ ନିଭୃତରେ ରଖି ପଥ୍ୟ-ପାଚନ-ଦଶମୂଳ-ମୋଦକ ପ୍ରଭୃତି ନୈବେଦ୍ୟ ଅର୍ପଣ ପୂର୍ବକ ଚିକିତ୍ସା ବ୍ୟାଜରେ ‘ଗୁପ୍ତ ସେବା’ କରିଥାନ୍ତି । ସୂକ୍ଷ୍ମ ଦୃଷ୍ଟିରେ ବିଚାର କଲେ ଜଣାଯାଏ ଯେ ଯଦି ପ୍ରତିବର୍ଷ ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ ଯୋଗୁଁ ମହାପ୍ରଭୁ ଜ୍ୱର କଷ୍ଟ ଭୋଗ କରୁଛନ୍ତି, ତେବେ ସାମ୍ବତ୍ସରିକ ମଞ୍ଜାସ୍ନାନ କରାଇ ଶ୍ରୀଜୀଉଙ୍କୁ ଜ୍ୱରପୀଡ଼ା ପ୍ରଦାନର ପୁନରାବୃତ୍ତି କରିବା ଭଳି ଧୃଷ୍ଟତା, ଆଦୌ ଭକ୍ତମାନସ ପ୍ରଦର୍ଶନ କରନ୍ତା ନାହିଁ । ତେଣୁ ବାସ୍ତବିକତା କିନ୍ତୁ ଭିନ୍ନ ଅଟେ ।

ପ୍ରତ୍ୟକ୍ଷ ମଞ୍ଜାସ୍ନାନ ଫଳରେ ମହାପ୍ରଭୁଙ୍କ ଅଙ୍ଗରାଗ ବିରୂପ ହୋଇ ଅଙ୍ଗସୌଷ୍ଠବର କାନ୍ତି ବିକୃତ ହୋଇଯିବା ସ୍ୱାଭାବିକ । ସେହିହେତୁ ଠାକୁରଙ୍କର ଶ୍ରୀଅଙ୍ଗଶୋଧନ ତଥା ନୂତନତା ଆନୟନ ନିମିତ୍ତ ଏହି ଅଣସର ପକ୍ଷ ହେଉଛି ପ୍ରକୃଷ୍ଟ ସମୟ । ତେଣୁ ଶ୍ରୀଜୀଉଙ୍କ ବିକୃତ କଳେବରକୁ ପୁନଃଚିତ୍ରଣ ବା ବର୍ଣ୍ଣୀକରଣ ପୂର୍ବରୁ ଶ୍ରୀଅଙ୍ଗରୁ ଜଳସିକ୍ତ ପାଟ ଆସ୍ତରଣ ଫିଟାଇ ଦିଆଯାଉଥିବାରୁ ଶ୍ରୀମନ୍ଦିର ପରିଭାଷାରେ ଏହି କାର୍ଯ୍ୟବିଧି ସାଧାରଣତଃ ଶ୍ରୀଅଙ୍ଗଫିଟା ବା ଶ୍ରୀଅଙ୍ଗସଂସ୍କାର ନାମରେ ସର୍ବଜନ ବିଦିତ । ଶ୍ରୀଅଙ୍ଗ ସଂସ୍କାର ସମୟରେ ଶ୍ରୀବିଗ୍ରହମାନଙ୍କ ଆଦ୍ର ଶରୀରରୁ ପୂର୍ବ ପରିହିତ ପଟ୍ଟବସ୍ତ୍ର ସବୁ ଉଲାଗି କରି ଶ୍ରୀଜୀଉଙ୍କ ମୌଳିକ ଦାରବ କଳେବରର ସମସ୍ତ ଅବୟବ ତନଖି କରି ତହିଁରେ ପରିଦୃଷ୍ଟ ତ୍ରୁଟି ବିଚ୍ୟୁତି ଆବିଷ୍କାର ପୂର୍ବକ ତାହାର ପ୍ରତିବିଧାନ ନିମିତ୍ତ ଆନୁଷଙ୍ଗିକ ମରାମତି କାର୍ଯ୍ୟ ପାଇଁ ଗୋପନୀୟତା ଅବଲମ୍ବନ ଏକାନ୍ତ ଅପରିହାର୍ଯ୍ୟ । ସେହି ଗୋପନକର୍ମ ସମ୍ପାଦନ ନିମିତ୍ତ ଠାକୁରଙ୍କୁ ଜ୍ୱର ହୋଇଛି ବୋଲି ସର୍ବସାଧାରଣରେ ଧାରଣା ଜନ୍ମାଇ ଲୋକଲୋଚନ ଅନ୍ତରାଳରେ ଅଣସର ପିଣ୍ଡିରେ ମହାପ୍ରଭୁଙ୍କୁ ଅବସ୍ଥାପନ ପୂର୍ବକ ଘଣାଲାଗି, ଖଳିଲାଗି, ଖଡ଼ିଲାଗି, ବନକଲାଗି ପ୍ରଭୃତି ଶ୍ରୀଅଙ୍ଗବିନ୍ୟାସ ମାଧ୍ୟମରେ ସୁରୂପ ପ୍ରଦାନ ପର୍ଯ୍ୟନ୍ତ ଭକ୍ତ ସାଧାରଣଙ୍କୁ ଶ୍ରୀଜଗନ୍ନାଥ ଦର୍ଶନ ସୁଯୋଗ ଉପଲବ୍‌ଧ ହୁଏ ନାହିଁ । ଏପରିକି ଅନୁରୂପ ବିଧି ଯୋଗୁଁ ଏହି ସମୟରେ ଶ୍ରୀମନ୍ଦିର ବଳୟିତ ମେଘନାଦ ପ୍ରାଚୀର ସଂଲଗ୍ନ ସିଂହଦ୍ୱାର ଗୁମୁଟ ମଧ୍ୟରେ ବିରାଜିତ ପତିତପାବନ ଠାକୁରଙ୍କୁ ମଧ୍ୟ ଆବରଣ ମଧ୍ୟରେ ରଖି ସର୍ବସାଧାରଣଙ୍କ ସମକ୍ଷୀଭୂତ ହେବାକୁ ଦିଆଯାଏ ନାହିଁ ।

ଶାସ୍ତ୍ର ନିର୍ଦ୍ଦେଶ ଅନୁସାରେ ଉକ୍ତ ଅନବସର ସମୟରେ ଶ୍ରୀଜୀଉଙ୍କର ଅନାବୃତ୍ତ ଦାରୁ (ଅସ୍ଥି)ମୟ ରୂପ (୫) ଦର୍ଶନ କଲେ ଦର୍ଶନାର୍ଥୀର ଆୟୁ, ପ୍ରଜ୍ଞା, ଯଶ ଓ ବଳହାନି ଘଟେ । ତା’ର ପ୍ରତିବିଧାନ ନିମିତ୍ତ ଅଣସର ତାଟି ବାହାର ପାର୍ଶ୍ୱରେ ପଟି ଦିଅଁ ପୂଜା ବ୍ୟବସ୍ଥା ପ୍ରଚଳିତ ଅଛି । କିନ୍ତୁ ଭକ୍ତମାନସ ସେହି ପଟି ଦିଅଁ ଦର୍ଶନରେ ଆଦୌ ପରିତୋଷ ହୁଏ ନାହିଁ । ପୁନଶ୍ଚ ଜଗନ୍ନାଥ ପ୍ରାଣ ଏପରି କେତେକ ନୈଷ୍ଠିକ ଭକ୍ତ ଅଛନ୍ତି ଯେଉଁମାନେକି ପ୍ରତ୍ୟହ ମହାପ୍ରଭୁଙ୍କୁ ପ୍ରତ୍ୟକ୍ଷ ନକଲେ ଅନ୍ନଜଳ ସ୍ପର୍ଶ କରନ୍ତି ନାହିଁ । ତେଣୁ ନିତ୍ୟ ଦର୍ଶନାକାଙ୍‌କ୍ଷୀ ଭକ୍ତଙ୍କ ପକ୍ଷେ ଅଣସର ୧୫ ଦିନ ବିଶେଷତଃ ମହାଅଣସରର ୪୫ ଦିନ ବ୍ୟାପୀ ଶ୍ରୀଜଗନ୍ନାଥଙ୍କ ଅଦର୍ଶନଜନିତ ଶ୍ରୀକ୍ଷେତ୍ର ରହଣି ଅତ୍ୟନ୍ତ ଦୁର୍ବିସହ ବୋଧ ହୋଇଥାଏ । ଅତୀତରେ ଅନୁରୂପ ଜନୈକ ଭକ୍ତ ଶ୍ରୀଜଗନ୍ନାଥ ଦର୍ଶନେଚ୍ଛା ମନରେ ପୋଷଣ କରି ଶ୍ରୀକ୍ଷେତ୍ରରେ ଉପସ୍ଥିତ ହେଲେ । ମାତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁ ଜ୍ୱରାକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବାରୁ ଦର୍ଶନ ସମ୍ଭବ ନୁହେଁ ବୋଲି ସେବକଙ୍କଠାରୁ ଶୁଣି ବିସ୍ମୟାଭିଭୂତ ହୋଇ ପଡ଼ିଲେ ସେ । ଯେଉଁ ଠାକୁର ସ୍ୱୟଂ ବିଗତଜ୍ୱର, ସେ ପୁଣି ଜ୍ୱର ପ୍ରପୀଡ଼ିତ ହୋଇ ଚିକିତ୍ସାରେ ଅଛନ୍ତି, ଏହି ଉକ୍ତି ତାଙ୍କର କିନ୍ତୁ ହଜମ ହେଲା ନାହିଁ । ତେଣୁ ସେ ନିଜକୁ ହତଭାଗ୍ୟ ମନେକରି ମହୋଦଧିରେ ଆତ୍ମ ବିସର୍ଜନ ନିମିତ୍ତ ଅଗ୍ରସର ହେଲେ । ଅନ୍ତର୍ଯ୍ୟାମୀ ଶ୍ରୀଜଗନ୍ନାଥଙ୍କୁ ଭକ୍ତର ଏ ଆର୍ତ୍ତି ବିଚଳିତ କଲା । ତେଣୁ ଭକ୍ତବତ୍ସଳ ପ୍ରଭୁ ଭକ୍ତକୁ ପ୍ରାଣବିସର୍ଜନରୁ ନିବୃତ୍ତ କରାଇବା ପାଇଁ ମଶାଣିଆ ମହାବୀରଙ୍କୁ ନିର୍ଦ୍ଦେଶ ଦେଲେ । ମହାବୀର ଏକ ବିରାଟକାୟ ବାନର ରୂପେ ଭକ୍ତଙ୍କ ପଶ୍ଚାତ୍‌ଧାବନ କରିବାରୁ ସେ ଇତଃସ୍ତତଃ ଭାବେ ପଶ୍ଚିମାଭିମୁଖୀ ହୋଇ ଦୌଡ଼ି ଦୌଡ଼ି ଏପରି କ୍ଲାନ୍ତ ହୋଇପଡ଼ିଲେ ଯେ ମହୋଦଧିର ସମୀପବର୍ତ୍ତୀ ହେବାକୁ ତାଙ୍କର ଆଉ ଧୈର୍ଯ୍ୟ ନଥିଲା । ତେଣୁ ସେଠାରେ ସେ ଅଗ୍ନି ପ୍ରଜ୍ୱଳନ ପୂର୍ବକ ଆତ୍ମାହୂତି ଦେବା ନିମିତ୍ତ କୃତ-ସଂକଳ୍ପ ହୋଇ ଉଦ୍ୟତ ହୁଅନ୍ତେ, ହଠାତ୍ ଶୂନ୍ୟବାଣୀ ଶୁଣିବାକୁ ପାଇଲେ ‘ହେ ଭକ୍ତ ଶ୍ରେଷ୍ଠ ! ତୁମ ଅନ୍ତର୍ବେଦନା ମୁଁ ଅନୁଭବ କରିପାରୁଛି । ହେଲେ ଅଣସରରେ ଥାଇ ତୁମର ଦର୍ଶନେଚ୍ଛା ପୂରଣ କରିପାରୁନାହିଁ । କିନ୍ତୁ ମୋର ମୂଳବିଗ୍ରହ ନୀଳମାଧବ, ସମ୍ପ୍ରତି ବ୍ରହ୍ମଗିରିଠାରେ ‘ଅଲାରନାଥ’ ନାମରେ ବିରାଜମାନ କରୁଅଛନ୍ତି । ତେଣୁ ତୁମେ ଅଲାରନାଥ ବିଗ୍ରହରେ ମୋର ଦର୍ଶନ ପାଇପାରିବ ଏବଂ ଆଜିଠାରୁ ଅଣସର/ମହାଅଣସର ସମୟରେ ଯେଉଁ ପ୍ରିୟ ଭକ୍ତ ମୋର ଦର୍ଶନ କାମନା ମନରେ ପୋଷଣ କରିବ, ସେ ଅଲାରନାଥ ଦର୍ଶନ ମାଧ୍ୟମରେ ମୋ’ ଦର୍ଶନର ସମପୁଣ୍ୟ ଫଳ ଲାଭ କରିବ । ଶୂନ୍ୟବାଣୀ ଶ୍ରବଣରେ ଆତ୍ମହତ୍ୟା ଚିନ୍ତନରୁ ବିରତ ହୋଇ ଭକ୍ତ ଶିରୋମଣି କିଛିବାଟ ପଶ୍ଚିମକୁ ଗମନ କରିବା ପରେ ପ୍ରାୟ ଚିଲିକା ତଟପ୍ରଦେଶରେ ଆମ୍ର-

ପୁନାଙ୍ଗ-ବକୁଳ-ଲଙ୍କାମ୍ର-ନାରିକେଳ ଉଦ୍ୟାନ ପରିବେଷ୍ଟିତ ସୁରମ୍ୟ ସ୍ଥାନରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେକଲେ । ତତ୍ତ୍ୱାନ୍ୱେଷୀମାନଙ୍କ ମସ୍ତିଷ୍କ ଚକ୍ଷୁ ଅପେକ୍ଷା ଭକ୍ତ ଅନ୍ତର୍ଦୃଷ୍ଟିରେ ଶ୍ରୀଜଗନ୍ନାଥଙ୍କ ଲୀଳାବୈଚିତ୍ର୍ୟର ଭବ୍ୟରୂପ ବେଶ୍ କମନୀୟ ହୋଇ ପ୍ରତିଭାତ ହୋଇଉଠେ । ଏହି ପରିପ୍ରେକ୍ଷୀରେ ଅଲାରନାଥ, ଶ୍ରୀଜଗନ୍ନାଥ ରୂପେ ପ୍ରତୀୟମାନ ହେବା କୌଣସି ଯୁକ୍ତିର ଅପେକ୍ଷା ରଖେ ନାହିଁ । ସେ ଯାହା ହେଉନା କାହିଁକି ସେହି ଦିନଠାରୁ ଅଣସର କାଳରେ ଶ୍ରୀଅଲାରନାଥଙ୍କୁ ବିଶେଷ ଦର୍ଶନର ଅୟମାରମ୍ଭ ହୋଇଅଛି ।

ପ୍ରୋକ୍ତ ବିଶେଷ ଦର୍ଶନ ଯୋଗୁଁ ଅଲାରନାଥ ମହିମା କ୍ରମଶଃ ପ୍ରଚାରିତ ହେଲା । ଠାକୁରରାଜା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିକଳ୍ପ ଶ୍ରୀଅଲାରନାଥଙ୍କ ଉଦ୍ଦେଶ୍ୟରେ ଏକ ଭବ୍ୟମନ୍ଦିର ନିର୍ମାଣ କଲେ । ପୁରୀଠାରୁ ୧୮ କି.ମି. ଦୂରବର୍ତ୍ତୀ ବ୍ରହ୍ମଗିରିରେ ଅଲାରନାଥଙ୍କ ମୂଳମନ୍ଦିର କେବେ ଯେ ନିର୍ମିତ ହୋଇଥିଲା, ସେ ସମ୍ବନ୍ଧରେ ଇତିହାସ ସମର୍ଥିତ କୌଣସି ତଥ୍ୟ ଉପଲବ୍ଧ ନହେଲେ ମଧ୍ୟ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପୂର୍ବରୁ ଅର୍ଥାତ୍ ଖ୍ରୀଷ୍ଟିୟ ନବମ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଏହା ନିର୍ମିତ ହୋଇଥିବା ସମ୍ଭବ ବୋଲି ପ୍ରତ୍ନତତ୍ତ୍ୱବିତ୍‌ଗଣ ଅନୁମାନ କରନ୍ତି । ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କବଳିତ ହୋଇ ମୂଳମନ୍ଦିର ଧ୍ୱଂସପ୍ରାପ୍ତ ହେବା ପରେ ଖ୍ରୀ: ୧୧୨୮ରେ ଗଙ୍ଗବଂଶୀ ଚତୁର୍ଥ ନରପତି ମଦନମହାଦେବଙ୍କ ଦ୍ୱାରା ଏହି ମନ୍ଦିରର ଜୀର୍ଣ୍ଣ ସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିବାର ପ୍ରମାଣ (୬) ମିଳିଥାଏ । ଉତ୍କର୍ଷ କାରୁକଳାର ଚରମ ଅଭିବ୍ୟକ୍ତି ବହନ କରି ଦଣ୍ଡାୟମାନ ଏହି ଅଲାରନାଥ ମନ୍ଦିରର ଉଚ୍ଚତା ପ୍ରାୟ ୫୦ ଫୁଟ ଅଟେ । ଜଗମୋହନ ଓ ନାଟମନ୍ଦିର ସଂଲଗ୍ନ ଏହି ମନ୍ଦିରର ଚତୁଃପାର୍ଶ୍ୱରେ ପରିବେଷ୍ଟିତ ୭୩ଟି ଦେବବିଗ୍ରହ ସମେତ ଦୋଳବେଦୀ, ଚନ୍ଦନ ପୁଷ୍କରିଣୀ, କୂପ, ଚତ୍ୱର ଇତ୍ୟାଦି ଦେଖିବାକୁ ମିଳେ । ଏହି ମନ୍ଦିର ସମ୍ପ୍ରତି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ତତ୍ତ୍ୱାବଧାନରେ ରହିଥିଲେ ମଧ୍ୟ ଇସ୍‌କନ ଦ୍ୱାରା ରୋଷଶାଳା ଓ ଭୋଜନମଣ୍ଡପ ନିର୍ମିତ ହୋଇଅଛି ।

ଆଲୋଚ୍ୟ ମନ୍ଦିର ମଧ୍ୟରେ ଉପାସିତ ହେଉଛନ୍ତି ଶିଳାବିଗ୍ରହ ଶିଳାବ୍ରହ୍ମ ନାରାୟଣ ମୂର୍ତ୍ତି ଶ୍ରୀଅଲାରନାଥ । ଶ୍ରୀଜଗନ୍ନାଥଙ୍କର ମୂଳବିଗ୍ରହ ନୀଳମାଧବଙ୍କର ଯେଉଁ ରୂପ ବର୍ଣ୍ଣନା ଇନ୍ଦ୍ରନୀଳମଣି ପୁରାଣ, ସ୍କନ୍ଦପୁରାଣ, ପଦ୍ମପୁରାଣ, କପିଳ ସଂହିତା, ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟରେ ସ୍ଥାନ ପାଇଛି, ସେହିସବୁ ପ୍ରତିମାଲକ୍ଷଣ ଅଲାରନାଥ ବିଗ୍ରହରେ ପ୍ରତିଭାତ ହେଉଥିବାରୁ ନୀଳାଚଳରୁ ଅନ୍ତର୍ହିତ ନୀଳମାଧବ, ଅଲାଲ୍ୟ ବ୍ରାହ୍ମଣ ଗୃହାବସ୍ଥାନ ପରେ ପ୍ରୋକ୍ତ ବ୍ରହ୍ମଗିରିଠାରେ ଆବିର୍ଭୂତ ହୋଇଥିବା ଅନୁମାନ, ସତ୍ୟରେ ପରିଣତ ହୋଇଅଛି । ବିଗ୍ରହ କଳାଦୃଷ୍ଟିରୁ ପ୍ରାୟ ଛଅଫୁଟ ଉଚ୍ଚତା ବିଶିଷ୍ଟ ଖଣ୍ଡିଏ ମାତ୍ର କଳାମୁଗୁନି ପ୍ରସ୍ତର ନିର୍ମିତ ଅଲାରନାଥ ବିଗ୍ରହ ଏକ ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ବଳିତ ପ୍ରଭା ବା ତୋରଣ ମଧ୍ୟରେ ଦଣ୍ଡାୟମାନ । ତୋରଣର ପାଦପୀଠ ଉପରେ ଉଭୟପାର୍ଶ୍ୱରେ ଶ୍ରୀଦେବୀ ଓ ଭୂଦେବୀ ଯଥାକ୍ରମେ ଲକ୍ଷ୍ମୀ ଏବଂ ସରସ୍ୱତୀ ରୂପେ ସମାସୀନ ହୋଇଥିଲେ ହେଁ ସେବକମାନେ ତାଙ୍କୁ ରୁକ୍ମିଣୀ-ସତ୍ୟଭାମା ବୋଲି ଭକ୍ତ ଦର୍ଶକମାନଙ୍କୁ ଚିହ୍ନିତ କରାଇଥାନ୍ତି । ପୁନଶ୍ଚ ତୋରଣସ୍ତମ୍ଭର ମଧ୍ୟାଂଶରେ ଚାମରଧାରଣୀ ଲଳିତା, ବିଶାଖା ଉଭୟପାର୍ଶ୍ୱରେ ଦଣ୍ଡାୟମାନ ଥାଇ ସେବା ସମର୍ପଣ କରୁଥିବା ସ୍ଥଳେ ତୋରଣସ୍ତମ୍ଭର ଉର୍ଦ୍ଧ୍ୱଭାଗରେ ବ୍ରହ୍ମା ଓ ଶିବ ବିଦ୍ୟମାନ ଅଛନ୍ତି । ସର୍ବୋପରି ଶ୍ରୀଚରଣତଳେ ପକ୍ଷୀରାଜ ଗରୁଡ଼ ଉପବେସନ ମୁଦ୍ରାରେ ଯୋଡ଼ ହସ୍ତରେ ପ୍ରାର୍ଥନା କରୁଅଛନ୍ତି । ମୂର୍ତ୍ତିତତ୍ତ୍ୱ ଦୃଷ୍ଟିରୁ ଅଲାରନାଥ ହେଉଛନ୍ତି ଚତୁର୍ଭୁଜ ବିଶିଷ୍ଟ ବାମନୀୟ ନାରାୟଣ ମୂର୍ତ୍ତି - ଯାହାଙ୍କର ଚତୁଃହସ୍ତରେ ଶଙ୍ଖ-ଚକ୍ର-ଗଦା ତଥା ଅଭୟମୁଦ୍ରା ମଧ୍ୟରେ ପଦ୍ମ ସୁଶୋଭିତ ହୋଇଛି । ନୀଳମେଘ ସଦୃଶ କାନ୍ତିଯୁକ୍ତ ମହାପ୍ରଭୁଙ୍କ ସର୍ବାଙ୍ଗରେ ସୂକ୍ଷ୍ମ କାରୁକାର୍ଯ୍ୟ ଫୁଟି ଉଠିଛି । ଅଲାରନାଥଙ୍କର ପୁଣ୍ଡରିକ ସଦୃଶ ଆୟତ ନେତ୍ରଯୁଗଳ, କର୍ଣ୍ଣରେ ଦୋଳାୟିତ ମକର କୁଣ୍ଡଳ, ଗଳାରେ ପ୍ରଲମ୍ବିତ ଗଜମୋତି ସଂଯୁକ୍ତ ରତ୍ନହାର, ସ୍କନ୍ଧରେ ଯଜ୍ଞୋପବୀତ, ହସ୍ତରେ ବାହୁଟି, ଅଙ୍ଗୁଳିମାନଙ୍କରେ ଅଙ୍ଗୁରୀୟ ଓ ପାଦରେ ନୂପୁର ପ୍ରଭୃତି ଆଭୂଷଣରେ ମହାପ୍ରଭୁ ସର୍ବଦା ଜୀବନ୍ତରୂପେ ପ୍ରତୀୟମାନ ହୋଇଥାନ୍ତି । ଅଲାରନାଥଙ୍କ ମୁଖ, ଦକ୍ଷିଣହସ୍ତ ଓ ହୃଦୟରେ ୩ଟି ବିସ୍ଫୋଟକ ଚିହ୍ନ ପରିଦୃଷ୍ଟ ହୁଏ, ଯାହାକି ଅଲାଲ୍ୟ ବ୍ରାହ୍ମଣଙ୍କ ପରିବାର ସଦସ୍ୟଙ୍କର ଦ୍ୱାରା ନିବେଦିତ ଉଷ୍ମପାୟସ ସେବନରୁ ସୃଷ୍ଟି ହୋଇଥିବା କିମ୍ବଦନ୍ତୀକୁ ପୁଷ୍ଟ କରିଥାଏ । ଏତଦ୍‌ବ୍ୟତୀତ ଠାକୁରଙ୍କଠାରେ ଯେଉଁ ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ, ତାହା ହେଉଛି ବିଷ୍ଣୁ ପୀତାମ୍ବର ହୋଇଥିବାସ୍ଥଳେ ଶ୍ରୀଅଲାରନାଥଙ୍କୁ ସର୍ବଦାନ ଶୁଭ୍ରବସ୍ତ୍ର ପରିଧାନ କରାଯାଇଥାଏ । ତଦ୍ୱାରା ଆଳବାରମାନଙ୍କ 'ଶୁକ୍ଳାମ୍ବର ଧର ବିଷ୍ଣୁ' ପୂଜନ ସୃତି, ଏ ଯାବତ୍ ଅଲାରନାଥଙ୍କ ପରିଧେୟରେ ଯେ ସୁରକ୍ଷିତ ହୋଇଅଛି, ଏଥିରେ ସନ୍ଦେହ ନାହିଁ ।

ଆଲୋଚନାର ନିଷ୍କର୍ଷ ଏହି ଯେ ଶ୍ରୀମନ୍ନାରାୟଣ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପ ପରିଗ୍ରହ ପୂର୍ବରୁ ଚତୁର୍ଭୁଜ ଶିଳାବିଗ୍ରହ ନୀଳମାଧବ ରୂପେ ଉପାସିତ ହେଉଥିଲେ । ବିଶ୍ୱାବସୁ ଉପାସିତ ନୀଳମାଧବ 'ଝାଡ଼ନାରାୟଣ', ବ୍ରହ୍ମା ପ୍ରତିଷ୍ଠିତ 'ବ୍ରହ୍ମନାରାୟଣ' ସର୍ବୋପରି ଆଲୋୟାର ପ୍ରପୂଜିତ 'ଜନାର୍ଦ୍ଦନ ନାରାୟଣ' ଅଲାରନାଥ (୭) ପ୍ରତ୍ୟେକେ ହେଉଛନ୍ତି ଏକ ଓ ଅଭିନ୍ନ । ବିଶେଷତଃ ସେମାନେ ନିର୍ଗୁଣ ଶ୍ରୀଜଗନ୍ନାଥଙ୍କର ସାକାର ବିଗ୍ରହ ପ୍ରତୀକରେ ସମସ୍ତେ ମହାଜ୍ୟୋତି ଶ୍ରୀଜଗନ୍ନାଥଙ୍କର ଏକ ଏକ ସ୍ଫୁଲିଙ୍ଗ ମାତ୍ର । ଶ୍ରୀଜୀଉଙ୍କ ସଦୃଶ ଅଲାରନାଥଙ୍କ ଦୈନିକ ପୂଜାବିଧି ଓ ବାର୍ଷିକ ପର୍ବନୀତି ଯଥାସମ୍ଭବ ଅନୁଷ୍ଠିତ ହେଉଥିଲେ ମଧ୍ୟ ଅଣସର ସମୟରେ ଅଲାରନାଥଙ୍କ ମାହାତ୍ମ୍ୟ ସମଧିକ ବଳବତ୍ତର ମନେ ହୋଇଥାଏ । କାରଣ ଅଲାରନାଥ ହେଉଛନ୍ତି ଉପାସନା ଜଗତରେ ଏକମାତ୍ର ଠାକୁର, ଯିଏକି ଅଣସର ସମୟରେ ସ୍ୱୟଂ ଶ୍ରୀଜଗନ୍ନାଥ ରୂପେ ଭକ୍ତର

ସମକ୍ଷୀଭୂତ ହୋଇଥାନ୍ତି । ଅଶ୍ୱମେଧୀ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରଗାଢ଼ ଭକ୍ତିରେ ପ୍ରସନ୍ନ ହୋଇ ଶ୍ରୀଜଗନ୍ନାଥ ନୀଳାଦ୍ରିରେ ବର୍ଷତମାମ ଆର୍ଯ୍ୟ ସମ୍ମତ ପୂଜା ଗ୍ରହଣ କରୁଥିଲେ ମଧ୍ୟ ତାଙ୍କର ମୂଳମୂର୍ତ୍ତିରେ ମମତା ବିସ୍ମରି ନପାରି ଶାବରୀୟ ସରଳ ସେବାପୂଜାରେ ଆକୃଷ୍ଟ ହୋଇ ଅଣସର ପନ୍ଦରଦିନ ପାଇଁ ଅଲାରନାଥ ମୂର୍ତ୍ତିରେ ଆତ୍ମପ୍ରକଟ ପୂର୍ବକ ଭକ୍ତମାନଙ୍କୁ ଦର୍ଶନ ଦେଇ ଆସୁଛନ୍ତି । ଏ ବିଧି ସମ୍ଭବତଃ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ରୂପ ପରିଗ୍ରହ ସମୟରୁ ପ୍ରଚଳିତ ଥିବାର ଅନୁମାନ କରାଯାଉଥିଲେ ମଧ୍ୟ ଏକାଦଶ ଶତାବ୍ଦୀରେ ଶ୍ରୀସମ୍ପ୍ରଦାୟର ରାମାନୁଜାଚାର୍ଯ୍ୟ ଓ ଦ୍ୱାଦଶ ଶତାବ୍ଦୀରେ ବିଶିଷ୍ଟାଦ୍ୱୈତ ସମ୍ପ୍ରଦାୟର ପ୍ରଖ୍ୟାତ ଭକ୍ତ ଆଳବନ୍ଦାରାଚାର୍ଯ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅଣସର ଅବସ୍ଥିତି କାଳରେ ବ୍ରହ୍ମଗିରିଠାରେ ଅଲାରନାଥ ଦର୍ଶନ ପ୍ରଥା ଐତିହାସିକତା ବହନ କରିଅଛି । ବିଶେଷତଃ ଷୋଡ଼ଶ ଶତାବ୍ଦୀରେ ପ୍ରେମବାଦୀ ଚୈତନ୍ୟ ତାଙ୍କର ଅଷ୍ଟାଦଶବର୍ଷ ବ୍ୟାପୀ ଶ୍ରୀକ୍ଷେତ୍ର ରହଣି ସମୟରେ ପ୍ରତ୍ୟେକ ଅଣସର ଓ ମହାଅଣସର କାଳରେ ସେ ଅଲାରନାଥ ଦର୍ଶନକୁ ଜୀବନର ବ୍ରତ ରୂପେ ଗ୍ରହଣ କରିନେଇ ଗୌଡ଼ୀୟ ବୈଷ୍ଣବ ତଥା ଅନ୍ୟାନ୍ୟ ଭକ୍ତ-ଜନଙ୍କ ପାଇଁ ଏକ ଆଦର୍ଶ ସୃଷ୍ଟି କରିଥିଲେ । କ୍ରମଶଃ ଏହି ପରମ୍ପରା ସର୍ବସାଧାରଣ ପରମ୍ପରାରେ ପରିଣତ ହୋଇ ସମ୍ପ୍ରତି ହଜାର ହଜାର ଭକ୍ତ ଦର୍ଶନାର୍ଥୀ ଅଣସର ସମୟରେ ଅଲାରନାଥ ଦର୍ଶନ ନିମିତ୍ତ ବ୍ରହ୍ମଗିରିଠାରେ ସମବେତ ହେଉଛନ୍ତି ।

ଅଣସର ସମୟରେ ଅଙ୍ଗଲାଗି ସେବକ ଦଇତାପତି ସେବାୟତଗଣ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ବ୍ୟବଚ୍ଛେଦ ତଥା ଆନୁଷଙ୍ଗିକ ଉପଚାର ପ୍ରୟୋଗ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଭକ୍ତ ସାଧାରଣ ଇତ୍ୟବସରରେ ବ୍ରହ୍ମଗିରିଠାରେ ଅଲାରନାଥ ଦର୍ଶନ ମାଧ୍ୟମରେ ଶ୍ରୀଜଗନ୍ନାଥ ଦର୍ଶନ ତୃଷ୍ଣା ପରିତୋଷ କରିଥାନ୍ତି । ପାୟସପ୍ରିୟ ଅଲାରନାଥ ଦର୍ଶନ ସହିତ ଶୁଦ୍ଧ ସୌରଭ ତଥା ଅମୃତସମ ସ୍ୱାଦଯୁକ୍ତ ପାୟସ ନିର୍ମାଲ୍ୟ ସେବନ ଲୋଭରେ ପ୍ରତିବର୍ଷ ଅଣସର ସମୟରେ ବ୍ରହ୍ମଗିରିଠାରେ ପ୍ରବଳ ଜନସମାଗମ ହୋଇଥାଏ । ଯଜ୍ଞନାଥ ଶ୍ରୀଜଗନ୍ନାଥଙ୍କ ବିକଳ୍ପ ଅଣସରନାଥ ଶ୍ରୀଅଲାରନାଥ ପୀଠରେ ଏହି ସମୟରେ ଜଗତକଲ୍ୟାଣ ନିମିତ୍ତ ବିଶ୍ୱଶାନ୍ତି ମହାଯଜ୍ଞ ହୋଇଥାଏ । ଏଠାରେ ଦିନସାରା କୀର୍ତ୍ତନ ସମାରୋହ ସହିତ ସନ୍ଧ୍ୟା ନଇଁଲେ ପାଲା, ଦାସକାଠିଆ ତଥା ଅନ୍ୟାନ୍ୟ ଲୋକନୃତ୍ୟ ପ୍ରଦର୍ଶନ ସମେତ ବହୁ ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ ସର୍ବୋପରି ଲବ୍ଧପ୍ରତିଷ୍ଠ ବିଦ୍ୱାନମାନଙ୍କ କର୍ତ୍ତୃକ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପ୍ରତ୍ୟେକ ସନ୍ଧ୍ୟା ସାଂସ୍କୃତିକ ସୁରଭିରେ ସୁରଭିତ ହୋଇଉଠେ ।

ଉପାଦାନ ଉତ୍ସ :

୧. ‘ଅନ୍ତର୍ହିତେ ପୁରା ବିଷ୍ଣୁର୍ମାଧବୋ ଭଗବାନ ସ୍ୱୟମ୍ ।
ସଂଗୁପ୍ତ ନୀଳଶୈଳସ୍ୟ ଚତୁଃକ୍ରୋଶେ ତୁ ପଶ୍ଚିମେ ।।’
କପିଳ ସଂହିତା, ୨୬ ଅଧ୍ୟାୟ

୨. ତସ୍ୟାଗ୍ରେ ମାଧବୋଭଂକ୍ତେ ନିଜ ରୂପ ପ୍ରଦର୍ଶୟନ୍ ।
ଫେଟୟିତ୍ୱା କପାଟଂ ସ ପ୍ରୟଯୌ ପିଚ୍ଛରନ୍ତିକମ୍ ।।’
କପିଳ ସଂହିତା, ୨୬ ଅଧ୍ୟାୟ

୩. ଅନନ୍ତାଚାର୍ଯ୍ୟ କୃତ ‘ପ୍ରପନ୍ନାମୃତ’ ।

୪. ‘ପଦ୍ମଂ ସୁଦର୍ଶନଂ ଶଙ୍ଖଂ ଗଦାଧରେ ଜନାର୍ଦ୍ଦନଃ ।’ (ସିଦ୍ଧାନ୍ତ ଚନ୍ଦ୍ରିକା)

୫.(କ) ‘ଅରୂପଂ ବା ସ୍ୱରୂପଂ ଚ ନ ପଶ୍ୟେତ ପଞ୍ଚଦଶାହନି ।’
ଇନ୍ଦ୍ରନୀଳମଣି ପୁରାଣ-ଅନବସର ନିର୍ଣ୍ଣୟାଧ୍ୟାୟ

(ଖ) ‘ତତଃ ପଞ୍ଚଦଶାହନି ସ୍ନାନାନ୍ତେ ମମସତ୍ତମ
ସ୍ୱରୂପଂ ବା ବିରୂପଂ ବା ନ ପଶ୍ୟତେ ପ୍ରତିମାମମ ।’
ସ୍କନ୍ଦପୁରାଣ, ଉତ୍କଳଖଣ୍ଡ

୬. ମାଦଳା ପାଞ୍ଜି - ଆର୍ତ୍ତବଲ୍ଲଭ ମହାନ୍ତି ସଂପାଦନା, ଓ.ସା.ଏ. ପ୍ରକାଶନ, ପୃ.୨୬ ।

(କ) ପ୍ରଥମ ପାଞ୍ଜି ମତେ ‘ଏ ମହାରାଜାଙ୍କ ଅ୨ଙ୍କରେ ଅଲାରନାଥ ଦେଉଳ ତୋଳା ହୋଇଥିଲା ।’

(ଖ) ତୃତୀୟ ପାଞ୍ଜି ମତେ ‘ଏ ରାଜା ଅଲାରନାଥ ଦେଉଳ କଲେ ।’

୭. କଲିକତା ଚୈତନ୍ୟ ଗବେଷଣା ପ୍ରତିଷ୍ଠାନଙ୍କ ମତ ଓ ସୁନ୍ଦରାନନ୍ଦ ବିଦ୍ୟାବିନୋଦଙ୍କ ଲିଖିତ ‘ଶ୍ରୀକ୍ଷେତ୍ର’ ଅନୁଯାୟୀ ଅଲାରନାଥ ହେଉଛନ୍ତି ଜନାର୍ଦ୍ଦନ ନାରାୟଣ ।

ନୂଆଗାଁ, ଇଡିପୁର
ଭୁବନେଶ୍ୱର-୨